# ତହସିଲ୍ କାର୍ଯ୍ୟାଳୟ, ସଦର କଟକ

ବିଜ୍ଞାପନ ନଂ:- ୭୬୫୪ ତା :- ୧୫.୧୧.୧୮

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ କଟକ ସଦର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସଗୁଡିକ ସନ୍ **2018-19** ବର୍ଷ ନିମନ୍ତେ ଆସନ୍ତା ତା- **19-11-2018** ରିଖ ଅପରାହ୍ନ **3:30** ଘଟିକା ସମୟରେ ଉପଜିଲ୍ଲାପାଳ, ସଦର କଟକଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଅଛି । ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ସଦର ତହସିଲଦାର ଙ୍କ କାର୍ଯ୍ୟାଳୟ ଏବଂ website ରୁ କାର୍ଯ୍ୟଦିବସ ଓ ସମୟ ମଧ୍ୟରେ ଅସ୍ଥାୟୀ ସାଇକେଲ ଷ୍ଟାଣ୍ଡର ତଥା ଉତ୍ସର ନମ୍ବର, ନାମ, ପ୍ଲଟ୍ ସମ୍ପର୍କିତ ଅନ୍ୟାନ୍ୟ ସୂଚନା ସହିତ ଧାର୍ଯ୍ୟ ମୂଲ୍ୟ ଦେଖି ସାଧା କାଗଜରେ ନିଜର ନାମ ଓ ସମ୍ପୂର୍ଣ୍ଣ ଠିକଣାସହ ସୈରାତ ଉତ୍ସର ନମ୍ବର ଏବଂ ନାମ ତଥା ଉତ୍ସଟିକୁ କେତେ ଟଙ୍କାରେ ନିଲାମ ନେବାକୁ ଚାହାଁନ୍ତି ତାହା ଉଲ୍ଲେଖ କରି ଦସ୍ତଖତ ସହ ଜଉମୁଦ ଲଫାପାରେ **Registered / Registered Speed-Post** ମାଧ୍ୟମରେ ଉପ-ଜିଲ୍ଲାପାଳ, ସଦର କଟକଙ୍କ କାର୍ଯ୍ୟାଳୟକୁ ନିମ୍ନଲିଖିତ ଠିକଣାରେ ପଠାଇବେ -

**Office of the Sub-Collector, Sadar, Cuttack, At/Po- Chandini Chowk, P.S. – Lalbag, Pin- 753002, Dist.–Cuttack.**

ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ଅପରାହ୍ନ **3** ଘଟିକା ତା-**19-11-2018**. ବନ୍ଦ ଲଫାପା ଉପରେ **Tender Paper for Temporary Cycle Stand at Baliyatra-2018** ଲେଖା ରହିବ । ଉତ୍ସର ମୂଲ୍ୟ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଯାଇପାରେ । ଟେଣ୍ଡର ଦରଖାସ୍ତ ସହିତ ସରକାରୀ ଧାର୍ଯ୍ୟମୂଲ୍ୟର ଦଶ ଶତାଂଶ **(10%)** ଅମାନତ ଟଙ୍କା ବ୍ୟାଙ୍କ୍ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରିବେ । ଏହି ବ୍ୟାଙ୍କ୍ ଡ୍ରାଫ୍ଟଟି ତହସିଲଦାର ସଦର କଟକଙ୍କ ସପକ୍ଷରେ ଓ ଦେୟ **(Payable S.B.I. Main Branch, Cuttack)** ହୋଇଥିବା ଆବଶ୍ୟକ, ଯେଉଁ ବ୍ୟକ୍ତି ବିଶେଷ ବିଗତ ବର୍ଷର ସୈରାତ ବାବଦକୁ ବକେୟା ଦେୟ ପରିଶୋଧ କରି ନଥିବେ ସେ ନିଲାମରେ ଭାଗ ନେଇ ପାରିବେ ନାହିଁ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତୀ ନିଲାମ ଯଥାକ୍ରମେ 20/11/2018 ଏବଂ 22/11/2018 (ଦିବା 11 ଘଟିକା) ସମୟରେ ଅନୁଷ୍ଠିତ ହେବ ।କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

(Signature) ୧୫/୧୧/୧୮

ତହସିଲଦାର, ସଦର, କଟକ

# ସର୍ତ୍ତାବଳୀ

1. ନିଲାମ ଗ୍ରହିତା ଧାର୍ଯ୍ୟ କରାଯାଇଥିବା ମହାସୁଲ ଯାନଗୁଡିକରୁ ନିମ୍ନମତେ ଆଦାୟ କରିବେ|

| | | |
|---|---|---|
| ସାଇକେଲ୍ | - | ଟ.5.00 |
| ଦୁଇ ଚକିଆ ଯାନ | - | ଟ.20.00 |
| ଚାରି ଚକିଆ ଯାନ | - | ଟ.50.00 |

2. ମହାସୁଲର ଏକ ତାଲିକା ସଂପୃକ୍ତ ଷ୍ଟାଣ୍ଡ ର ସମ୍ମୁଖ ଭାଗରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବେ, ଉକ୍ତ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରିପାରିବେ ନାହିଁ |

3.Ticket Format ତଥା ବିଭିନ୍ନ ପ୍ରକାର ଯାନ ପାର୍କିଂ ପାଇଁ ମଧ ପ୍ରଶାସନ ମୂଲ୍ୟ ଧାର୍ଯ୍ୟ କରିଛନ୍ତି | ନିଲାମଧାରୀ କେବଳ ପ୍ରଶାସନ ଦ୍ଵାରା ଧାର୍ଯ୍ୟ ହୋଇଥିବା Format ରେ Ticket Print କରିବେ ଏବଂ ନିର୍ଦ୍ଧିଷ୍ଟ ଯାନଠାରୁ କେବଳ ଧାର୍ଯ୍ୟ ମୂଲ୍ୟ ଅସୁଲ କରିବେ |

4. ଏ ବାବଦରେ ଏକ ମୁଖଲିକା ପତ୍ର ଦେବେ, ଯଦି କୌଣସି ନିଲାମଧାରୀ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରନ୍ତି ତେବେ ଉକ୍ତ ନିଲାମକୁ ରଦ୍ଦ କରଦିଆଯିବ ଏବଂ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବ |

5. କୌଣସି କାରଣ ନଦର୍ଶାଇ ନିଲାମ ଅଧିକାରୀ ନିଲାମକୁ ସ୍ଥଗିତ ବା ରଦ୍ଦ କରିପାରିବେ|

6. ପ୍ରଶାସନ ଦ୍ଵାରା ବିଭିନ୍ନ ଅସ୍ଥାୟୀ ସାଇକେଲ୍ ଷ୍ଟାଣ୍ଡ ପାଇଁ ଅଲଗା ଅଲଗା ରଙ୍ଗର ଟିକେଟ୍ ସ୍ଥିର କରାଯାଇଛି | ମନୋନିତ ନିଲାମଧାରୀ କେବଳ ସେହି ସ୍ଥିରୀକୃତ ରଙ୍ଗର ଟିକେଟ୍ ଛପାଇବେ |

7. ପ୍ରତ୍ୟେକ ନିଲାମଧାରୀ ଷ୍ଟାଣ୍ଡ ନମ୍ବର ତଥା ନାମ ଏବଂ ପ୍ରଶାସନ ଦ୍ଵାରା ବିଭିନ୍ନ ଯାନପାଇଁ ଧାର୍ଯ୍ୟ କରାଯାଇ ଥିବା ମୂଲ୍ୟକୁ ଉଲ୍ଲେଖ କରି ଦୂରକୁ ଦେଖାଗଲାପରି ନିଜ ଖର୍ଚ୍ଚରୁ Flex Printing କରି Banner ମାରିବେ |

8. ଆବେଦନକାରୀ ଙ୍କ ନାମରେ କୌଣସି ଫୌଜଦାରୀ ମାମଲା ରୁଜ୍ଜୁ ହୋଇନଥିବ |

9. ଆବେଦନକାରୀ ଦରକାସ୍ତ ସହିତ ଫଟୋ ପରିଚୟ ପତ୍ର ଯେପରିକି EPIC/Adhaar/Driving License ର ନକଲ ସଂଲଗ୍ନ କରିବେ |

1/11/18

ତହସିଲଦାର , ସଦର , କଟକ

ବାଲିଯାତ୍ରା-2018 ପାଇଁ ନିଲାମ ହେବାକୁ ଥିବା ଅସ୍ଥାୟୀ ସଇରାତ୍ ( ସାଇକେଲ୍ ଷ୍ଟାଣ୍ଡ) ଉପର ବିବରଣୀ

| ସାଇକେଲ୍ ଷ୍ଟାଣ୍ଡ ( ଅସ୍ଥାୟୀ) ତା-23/11/2018 ଠାରୁ ତା-02/12/2018 | | | | | | | | |
|---|---|---|---|---|---|---|---|---|
| କ୍ରମିକ ନଂ | ସୈରାତ କେସ୍ ନଂ | ଷ୍ଟାଣ୍ଡ ନଂ | ସୈରାତର ନାମ | ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା (ଏକର) | ସରକାରୀ ଧାର୍ଯ୍ୟ ମୂଲ୍ୟ (ଟଙ୍କା) |
| 1 | 43/2018-19 | 10 | In front of Sports Hostel | ୟୁନିଟ୍ ନଂ - 9 (ବାରବାଟୀ କିଲ୍ଲା ) | 23 | 223 | Ac.1.243 | 260000.00 |
| 2 | 44/2018-19 | 11 | Adjacent to Sports Hostel | ୟୁନିଟ୍ ନଂ - 9 (ବାରବାଟୀ କିଲ୍ଲା ) | 21 | 233 | Ac.0.503 | 140000.00 |

ତହସିଲଦାର, ସଦର, କଟକ